ଶ୍ରୀମତୀ ରାଣୀ ଦେବୀ

ବନାମ

ଭୋଲେ ନାଥ ଏବଂ ଅନ୍ୟମାନେ

ଅକ୍ଟୋବର 22,1991

[କେ. ରାମସ୍ୱାମୀ ଏବଂ ଯୋଗୀଶ୍ୱର ଦିବସ, ନ୍ୟାୟମୂର୍ତ୍ତିଦ୍ୱୟ]

*ୟୁ. ପି. ସହରାଞ୍ଚଳ କୋଠବାଡି (ଭଡ଼ାଦେବା, ଭଡ଼ା ଏବଂ ଉଚ୍ଛେଦ ପଞ୍ଜୀକରଣ) ଅଧିନିୟମ, 1972:*

*ଧାରା 3 (a) (2) ଏବଂ 21- ଭଡ଼ାଟିଆଙ୍କ ଉଚ୍ଛେଦ- ମୂଳ ଭଡ଼ାଟିଆଙ୍କ ବିବାହିତ ଝିଅମାନେ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ପାଇଁ ପକ୍ଷ ହେବା ଆବଶ୍ୟକ କି- ଆବଶ୍ୟକ ପକ୍ଷଙ୍କୁ ମାମଲାରେ ଅନ୍ତର୍ଭୁକ୍ତ ନ କରିବା କ'ଣ ଆଇନଗତ ପ୍ରକ୍ରିୟାକୁ ଅବୈଧ କରେ ଏବଂ ଜଣେ ଘରମାଲିକାଣୀଙ୍କୁ ଉଚ୍ଛେଦ ମାମଲା ପରିଚାଳନା କରିବା ଅଧିକାରରୁ ବଞ୍ଚିତ କରେ କି ।*

ଆବେଦନକାରୀ-ଜମିମାଲିକାଣୀ, ଯଥାର୍ଥ ଆବଶ୍ୟକତା ଆଧାରରେ ଭଡ଼ାଟିଆଙ୍କୁ ଉଚ୍ଛେଦ କରିବା ପାଇଁ ୟୁ. ପି. ସହରାଞ୍ଚଳ କୋଠବାଡି (ଭଡ଼ାଦେବା, ଭଡ଼ା ଏବଂ ଉଚ୍ଛେଦ ନିୟମାବଳୀ) ଅଧିନିୟମ, **1972** ଅନୁଯାୟୀ ଏକ ମକଦ୍ଦମା ଦାୟର କରିଥିଲେ । ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଏବଂ ଅପିଲିୟ ନ୍ୟାୟାଧିକରଣ ତଥ୍ୟ ଆଧାରରେ ଜାଣିବାକୁ ପାଇଛନ୍ତି ଯେ ଆବେଦନକାରୀଙ୍କ ଆବଶ୍ୟକତା ଯଥାର୍ଥ ଥିଲା ଏବଂ ମକଦ୍ଦମାରେ ବିଚାରାଦେଶ ପାରିତ ହୋଇଛି । କିନ୍ତୁ, ଉଚ୍ଚ ନ୍ୟାୟାଳୟ ଏହି ଆଦେଶକୁ ଏକମାତ୍ର ଆଧାରରେ ଅଗ୍ରାହ୍ୟ କରିଦେଲେ ଯେ, ମୂଳ ଭଡ଼ାଟିଆଙ୍କ ବିବାହିତ ଝିଅମାନଙ୍କୁ, ଯେଉଁମାନେ ଆବଶ୍ୟକୀୟ ପକ୍ଷ ଥିଲେ, ମାମଲାରେ ସେମାନଙ୍କୁ ସାମିଲ କରାଯାଇ ନଥିଲା, ତେଣୁ, ଆବଶ୍ୟକୀୟ ପକ୍ଷଙ୍କୁ ସାମିଲ ନ କରିବା ଯୋଗୁଁ, ଆବେଦନକାରୀ-ମାଲିକାଣୀ ମୃତ ଭଡ଼ାଟିଆଙ୍କ ପୁଅ ଏବଂ ବିଧବା ପତ୍ନୀଙ୍କୁ ଘରୁ ବାହାର କରିବା ପାଇଁ ହକଦାର ନଥିଲେ ।

ଜମିମାଲିକାଣୀଙ୍କ ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ,

ନିର୍ଣ୍ଣୟ ନେଇଛନ୍ତି ଯେ: **1.1** ୟୁ. ପି. ସହରାଞ୍ଚଳ କୋଠବାଡି (ଭଡ଼ାଦେବା, ଭଡ଼ା ଏବଂ ଉଚ୍ଛେଦ ନିୟମାବଳୀ) ଅଧିନିୟମ, **1972**ର ଧାରା **3 (a) (2)** ରେ କୁହାଯାଇଛି ଯେ ଏକ ଅଟ୍ଟାଳିକା କ୍ଷେତ୍ରରେ ଭଡ଼ାଟିଆଙ୍କ ଅର୍ଥ ହେଉଛି ଜଣେ ବ୍ୟକ୍ତି ଯାହାଙ୍କ ଦ୍ୱାରା ଭଡ଼ା ପ୍ରଦାନ କରାଯାଏ, ଏବଂ ଭଡ଼ାଟିଆଙ୍କ ମୃତ୍ୟୁ ପରେ, ଏକ ଅଣ-ଆବାସିକ ଅଟ୍ଟାଳିକା କ୍ଷେତ୍ରରେ, ତାଙ୍କ ଉତ୍ତରାଧିକାରୀ ତାହା ପ୍ରଦାନ କରନ୍ତି । ତେଣୁ, ଯେପରି ଧାରା **3 (a) (2)** ଅନୁଯାୟୀ ବ୍ୟାଖ୍ୟା କରାଯାଇଛି, ଭଡ଼ାଟିଆଙ୍କ ସମସ୍ତ ଉତ୍ତରାଧିକାରୀ ହେଉଛନ୍ତି ସେହି ଭଡ଼ାଟିଆ ଯେଉଁମାନେ ହିନ୍ଦୁ ଉତ୍ତରାଧିକାର ଅଧିନିୟମ, **1956** ଅନୁଯାୟୀ ଇଚ୍ଛାପତ୍ରହୀନ ଉତ୍ତରାଧିକାରୀ ହୋଇଥିଲେ । ଫଳସ୍ୱରୂପ, ବିବାହିତା ଝିଅମାନେ ଧାରା ୩ **(a)** (୨) ଅନୁଯାୟୀ ଜଣେ ଭଡ଼ାଟିଆ ଅଟନ୍ତି ଏବଂ ଅଧିନିୟମ ଅନୁସାରେ ସେମାନେ ପିତାଙ୍କ ଭଡ଼ାଟିଆ ଅଧିକାର ପାଇବାକୁ ଯୋଗ୍ୟ, ଏଥିରେ କେବଳ ଭଡ଼ା ଦେବାର ଦାୟିତ୍ୱ ନୁହେଁ, ବରଂ ଆଇନଗତ ଭାବେ ଉଚ୍ଛେଦ ନହେବା ପର୍ଯ୍ୟନ୍ତ ସେହି ସ୍ଥାନରେ ବ୍ୟବସାୟ ଜାରି ରଖିବାର ଅଧିକାର ମଧ୍ୟ ସାମିଲ ଅଛି ।

**1. 2** ତେବେ, ବର୍ତ୍ତମାନ ମାମଲାରେ, ମୂଳ ଭଡ଼ାଟିଆ, **1965** ରେ ମୃତ୍ୟୁବରଣ କରିଥିଲେ । ଏହା ପରେ **1974** ମସିହାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ସେତେବେଳ ପର୍ଯ୍ୟନ୍ତ, ମୃତ ଭଡ଼ାଟିଆଙ୍କ ପୁଅମାନଙ୍କ ମଧ୍ୟରୁ ଜଣେ, ଅର୍ଥାତ୍, ପ୍ରଥମ ଉତ୍ତରଦାତା, ପରିସର ଦଖଲରେ ଥିଲେ ଏବଂ ବ୍ୟବସାୟ ଜାରି ରଖିଥିଲେ । ବିବାହିତ ଝିଅମାନେ କଦାପି ଅଂଶଗ୍ରହଣ କରିନଥିଲେ, କିମ୍ବା ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟରେ ଦାବି ପ୍ରକାଶ କରିନଥିଲେ ଏବଂ ଏପରିକି ପିତାଙ୍କ ମୃତ୍ୟୁ ପୂର୍ବରୁ, ସେମାନଙ୍କ ବିବାହ ହୋଇସାରିଥିଲା ଏବଂ ସେମାନେ ନିଜ ସ୍ୱାମୀଙ୍କ ସହ ଅନ୍ୟତ୍ର ରହୁଥିଲେ । ଭଡ଼ା ଅପିଲିୟ ନ୍ୟାୟାଧିକରଣ ଏହା ମତ ଦେଇଛନ୍ତି ଯେ, ମୂଳ ଭାଡ଼ାଟିଆଙ୍କ ମୃତ୍ୟୁ ପରେ ବିବାହିତ ଝିଅମାନେ ନିଜର ଅଧିକାର ଦାବି କରିବାରେ କୌଣସି ଆଗ୍ରହ

**ଦେଖାଇ ନଥିବାରୁ, ସେମାନେ ନିୟମାନୁସାରେ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ଭଡ଼ା ଅଧିକାରକୁ ଛାଡ଼ିଦେଇଛନ୍ତି ବୋଲି ଧରିନିଆଯିବ I ଏହାକୁ ଦୃଷ୍ଟିରେ ରଖି, ସେମାନଙ୍କୁ ପକ୍ଷଭୁକ୍ତ ନ କରିବା ଦ୍ୱାରା ଆବଶ୍ୟକୀୟ ପକ୍ଷଙ୍କ ଅନୁପସ୍ଥିତି ଜନିତ କୌଣସି ଆଇନଗତ ତ୍ରୁଟି ରହିବ ନାହିଁ, କିମ୍ବା ଉଚ୍ଛେଦ ପାଇଁ ଚାଲିଥିବା ମାମଲାର ଅନୁରାକ୍ଷଣୀୟତା ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ I**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 129/1986

12.5.1982 ତାରିଖରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 13431/1981ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି I

ବି. ଡି. ଅଗ୍ରୱାଲ ଏବଂ ଇଣ୍ଡିଭର ଗୁଡୱିଲ ଆବେଦନକାରୀଙ୍କ ପାଇଁ I

ଏ. କେ. ଶ୍ରୀବାସ୍ତବ ଉତ୍ତରଦାତାମାନଙ୍କ ପାଇଁ I

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନକୁ ଘରମାଲିକାଣୀଙ୍କ ଦ୍ୱାରା ଦାଖଲ କରାଯାଇଛି I ସେ ୟୁ. ପି. କୋଠାବାଡି (ଭଡ଼ାଦେବା, ଭଡ଼ା ଏବଂ ଉଚ୍ଛେଦ ନିୟମାବଳୀ) ଅଧିନିୟମ, 1972 (ସଂକ୍ଷେପରେ 'ଅଧିନିୟମ') ର ଧାରା 21 ଅଧୀନରେ ତାଙ୍କ ପୁଅ ଦ୍ୱାରା ବ୍ୟବସାୟ ଆରମ୍ଭ କରିବା ପାଇଁ ଯଥାର୍ଥ ଆବଶ୍ୟକତା ଆଧାରରେ ଭଡ଼ାଟିଆଙ୍କୁ ଉଚ୍ଛେଦ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ I ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଏବଂ ଅପିଲିୟ ନ୍ୟାୟାଧିକରଣ ଏକ ତଥ୍ୟ ଭାବରେ ଜାଣିବାକୁ ପାଇଥିଲେ ଯେ ଆବେଦନକାରୀଙ୍କର, ବ୍ୟବସାୟ ଆରମ୍ଭ କରିବା ପାଇଁ ପରିସରର ଯଥାର୍ଥ ଆବଶ୍ୟକତା ରହିଛି I କିନ୍ତୁ ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ, ଏହି ଏକମାତ୍ର ଆଧାରରେ ଆଦେଶକୁ ଅଗ୍ରାହ୍ୟ କରିଦେଇଥିଲେ ଯେ ମୂଳ ଭଡ଼ାଟିଆ ଲଲୁ'ଙ୍କ ବିବାହିତ ଝିଅମାନଙ୍କୁ ଯେଉଁମାନେ ଆବଶ୍ୟକୀୟ ପକ୍ଷ ଥିଲେ ଏହି ମାମଲାରେ ସାମିଲ କରାଯାଇ ନଥିଲା, ତେଣୁ, ଆବଶ୍ୟକୀୟ ପକ୍ଷଙ୍କୁ ସାମିଲ ନ କରିବା କାରଣରୁ, ଜମି ମାଲିକାଣୀ ମୃତ ଭଡ଼ାଟିଆ ଲଲୁଙ୍କ ପୁଅ ଏବଂ ବିଧବା ପତ୍ନୀଙ୍କୁ ଘରୁ ବାହାର କରିବା ପାଇଁ ହକଦାର ନୁହଁନ୍ତି I

ଏହି ମାମଲାରେ କେବଳ ଗୋଟିଏ ପ୍ରଶ୍ନ ଉଠୁଛି ଯେ, ମୃତ ଭଡ଼ାଟିଆଙ୍କ ବିବାହିତା ଝିଅମାନେ ଏହି ମାମଲାରେ ଅବଶ୍ୟକୀୟ ପକ୍ଷ କି ନାହିଁ ଏବଂ ସେମାନଙ୍କୁ ପକ୍ଷଭୁକ୍ତ ନ କରିବା କାରଣରୁ ଘର ମାଲିକାଣୀ ଭଡ଼ାଟିଆଙ୍କୁ ଘରୁ ଉଚ୍ଛେଦ କରିବା ପାଇଁ ଯେଉଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତାହା ଅଗ୍ରାହ୍ୟ ହେବ କି ନାହିଁ I ସ୍ୱୀକାରଯୋଗ୍ୟ ଯେ, ମୂଳ ଭଡ଼ାଟିଆ ଲାଲୁ 1965 ମସିହାରେ ମୃତ୍ୟୁବରଣ କରିଥିଲେ I ଏହା ପରେ 1974 ମସିହାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା I ସେତେବେଳ ପର୍ଯ୍ୟନ୍ତ, ଲାଲୁଙ୍କ ପୁଅମାନଙ୍କ ମଧ୍ୟରୁ ଜଣେ, ଅର୍ଥାତ୍, ଭୋଲା ନାଥ ଏହି ପରିସର ଦଖଲରେ ଥିଲେ ଏବଂ ପ୍ରଦର୍ଶ ଏସଏ-II ରେ ତାଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ଶପଥ ପାଠ ମାଧ୍ୟମରେ ବ୍ୟବସାୟ ଜାରି ରଖିଥିଲେ, "ଯେ ଏହି ଶପଥପାଠ ଦାଖଲକାରୀ ହେଉଛନ୍ତି ଆହ୍ଲାବାଦର ଥଥେରୀ ବଜାର ସ୍ଥିତ ଘର ସଂଖ୍ୟା 55 ର ବିଦ୍ୟୁତ୍ ଶୁଳ୍କ ସମେତ ମାସିକ 40/- ଟଙ୍କା ଭଡ଼ା ସୂତ୍ରେ ଏକ ଅଂଶର ଭଡ଼ାଟିଆ ଅଟନ୍ତି I" ଏହା ମଧ୍ୟ ବିବାଦରେ ନାହିଁ ଯେ ବିବାହିତ ଝିଅମାନେ କେବେ ଅଂଶଗ୍ରହଣ କରିନଥିଲେ, କିମ୍ବା ଭୋଲା ନାଥଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟରେ ଆଗ୍ରହ ପ୍ରକାଶ କରିନଥିଲେ I ଏହା ମଧ୍ୟ ଏକ ସ୍ୱୀକୃତ ତଥ୍ୟ ଯେ ପିତାଙ୍କ ମୃତ୍ୟୁ ପୂର୍ବରୁ ମଧ୍ୟ ସେମାନେ ବିବାହ କରସାରିଥିଲେ ଏବଂ ସେମାନେ ନିଜ ସ୍ୱାମୀଙ୍କ ସହ ଅନ୍ୟତ୍ର ରହୁଛନ୍ତି I ନିର୍ବିବାଦିତ ଭାବେ ଧାରା 3 (a) (2) ରେ କୁହାଯାଇଛି ଯେ, "ଏହି ଅଧିନିୟମରେ, ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରେ ନାହିଁ (a) କୌଣସି କୋଠା କ୍ଷେତ୍ରରେ ଭଡ଼ାଟିଆର ଅର୍ଥ ହେଉଛି ଜଣେ ବ୍ୟକ୍ତି ଯାହାଙ୍କ ଦ୍ୱାରା ଏହାର ଭଡ଼ା ପ୍ରଦାନ କରାଯାଏ, ଏବଂ ଭଡ଼ାଟିଆଙ୍କ ମୃତ୍ୟୁ ପରେ (2) ଏକ ଅଣ-ଆବାସିକ କୋଠା କ୍ଷେତ୍ରରେ, ତାଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ତାହା ପ୍ରଦାନ କରାଯିବ I" ତେଣୁ, ଧାରା 3 (a) (2) ର ବ୍ୟାଖ୍ୟା ଅନୁଯାୟୀ,

ଭଡ଼ାଟିଆଙ୍କ ସମସ୍ତ ଉତ୍ତରାଧିକାରୀ ହେଉଛନ୍ତି ସେହି ଭଡ଼ାଟିଆ ଯେଉଁମାନେ ହିନ୍ଦୁ ଉତ୍ତରାଧିକାର ଅଧିନିୟମ,1956 ଅନୁଯାୟୀ ଇଚ୍ଛପତ୍ରହୀନ ଉତ୍ତରାଧିକାରୀ ହୋଇଥିଲେ । ତେଣୁ ସେମାନେ ଧାରା 3 (a) (2) ର ଅର୍ଥ ମଧ୍ୟରେ ନିଶ୍ଚିତ ଭାବରେ ଭଡ଼ାଟିଆ ଅଟନ୍ତି । ଅଧିନିୟମ ଅନୁଯାୟୀ ଭଡ଼ାଟିଆଙ୍କ ଅନୁଜ୍ଞାପତ୍ର ଅଧିକାରକୁ ଉତ୍ତରାଧିକାରୀ ଭାବେ ଗ୍ରହଣ କରିବାକୁ ସେମାନେ ହକଦାର, ଯାହା ଆବେଦନକାରୀ ଯୁକ୍ତି କରିଛନ୍ତି, ଏଥିରେ କେବଳ ଭଡ଼ା ଦେବାର ଦାୟିତ୍ୱ ଅନ୍ତର୍ଭୁକ୍ତ ନୁହେଁ, ବରଂ ଅଧିନିୟମର ପ୍ରାବଧାନ ଅନୁଯାୟୀ ଯଥାବିଧି ଉଚ୍ଛେଦ ନ ହେବା ପର୍ଯ୍ୟନ୍ତ ବ୍ୟବସାୟ ଜାରି ରଖିବାର ଅଧିକାର ମଧ୍ୟ ଅନ୍ତର୍ଭୁକ୍ତ । ବିବାହିତ ଝିଅମାନଙ୍କୁ ସାମିଲ ନକରିବା ଦ୍ୱାରା ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନର ଅନୁରାକ୍ଷଣୀୟତା ଅବୈଧ ହେବ କି ନାହିଁ । ଭଡ଼ା ଅପିଲିୟ ନ୍ୟାୟାଧିକରଣଙ୍କ ନିଷ୍ପତ୍ତି ଅନୁଯାୟୀ, ବିବାହିତ ଝିଅମାନେ ଆଇନ ଅନୁସାରେ ପାଇଥିବା ପ୍ରଜାସ୍ୱତ୍ୱ ଅଧିକାରକୁ ପ୍ରତ୍ୟକ୍ଷ ଭାବେ ନହେଲେ ମଧ୍ୟ ପରୋକ୍ଷ ଭାବେ ଛାଡ଼ିଦେଇଛନ୍ତି ବୋଲି ଧରିନିଆଯାଇଛି । ଲାଲୁଙ୍କ ଦେହାନ୍ତ ପରେ, ଝିଅମାନେ ନିଜର ଅଧିକାର ଦାବି କରିବା ପାଇଁ କୌଣସି ଆଗ୍ରହ ପ୍ରକାଶ କରିନାହାନ୍ତି, ଏହା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଅଟେ । ଯଦି ଏହା ପ୍ରମାଣିତ ହୋଇଯାଏ ସେମାନଙ୍କୁ ଆବଶ୍ୟକୀୟ ପକ୍ଷ ଭାବେ ଉତ୍ତରଦାତା ଭାବରେ ସାମିଲ ନ କରିବା ଦ୍ୱାରା ମାମଲାଟି ଅବୈଧ ହେବ ନାହିଁ କିମ୍ବା ଉଚ୍ଛେଦ ପାଇଁ ଚାଲିଥିବା ଆଇନଗତ ପ୍ରକ୍ରିୟାର ଅନୁରାକ୍ଷଣୀୟତା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେବା ଏବଂ ଉଚ୍ଛେଦ ପାଇଁ ଆଗତ ହୋଇଥିବା ଆବେଦନକୁ ଖାରଜ କରିବାରେ ଗୁରୁତର ଆଇନଗତ ତ୍ରୁଟି କରିଛନ୍ତି ।ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଯାଇଛି ଏବଂ ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଏବଂ ନ୍ୟାୟାଧିକରଣଙ୍କ ଆଦେଶକୁ ପୁନଃସ୍ଥାପିତ କରାଯାଇଛି । ଏହା ବିବାଦରେ ନାହିଁ ଯେ ଜମି ମାଲିକାଣୀ ଉତ୍ତରଦାତାଙ୍କୁ ପରିସରର ଏକ ଯୁକ୍ତିଯୁକ୍ତ ଅଂଶ ତଥା ବାରଣ୍ଡାର 3-1/2 'x6' କ୍ଷେତ୍ର ପ୍ରଦାନ କରିଥିଲେ କିନ୍ତୁ ଉତ୍ତରଦାତା ସେହି ପ୍ରସ୍ତାବକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ କିନ୍ତୁ ଏହି ନ୍ୟାୟାଳୟରେ ଉତ୍ତରଦାତାମାନଙ୍କ ବିଦ୍ୱାନ ଓକିଲ ଅନୁରୋଧ କରିଥିଲେ ଯେ ଭଡ଼ାଟିଆଙ୍କୁ ପ୍ରସ୍ତାବ ଦିଆଯାଇଥିବା ଅଂଶ ପାଇବାକୁ ଅନୁମତି ଦିଆଯାଉ । ନିରପେକ୍ଷତାର ସହ, ଆବେଦନକାରୀଙ୍କ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଅଗ୍ରୱାଲ ଏହାକୁ ବିରୋଧ କରିନାହାଁନ୍ତି । ତଦନୁସାରେ, ଆବେଦନକାରୀ ଯେଉଁ ଅଂଶଟିକୁ ତାଙ୍କ ପୁଅର ବ୍ୟବସାୟ ଆରମ୍ଭ କରିବା ପାଇଁ ଆବଶ୍ୟକ କରୁଛନ୍ତି, ସେହି ଅଂଶଟିକୁ ଖାଲିକରିବା ଏବଂ ଆବେଦନକାରୀଙ୍କ ଦ୍ୱାରା ପ୍ରସ୍ତାବ ଦିଆଯାଇଥିବା ଅନ୍ୟ ଏକ ଅଂଶକୁ ଦଖଲ କରିବା ପାଇଁ ଭଡାଟିଆଙ୍କୁ ସୁଯୋଗ ଦିଆଯାଇଛି । ଉତ୍ତରଦାତାଙ୍କୁ ବ୍ୟବସାୟ ଚଳାଇବା ପାଇଁ ଆବେଦନକାରୀ ସୁବିଧାଜନକ ଏବଂ ଉପଯୁକ୍ତ ଭାବରେ ସ୍ଥାନର ଏକ ଅଂଶକୁ ଅଲଗା କରିଦେବେ । ଉପରୋକ୍ତ ସଂଶୋଧନ ସହିତ ଆବେଦନକୁ ଅନୁମତି ଦିଆଯାଇଛି, କିନ୍ତୁ ଏହି ପରିସ୍ଥିତିରେ, ପକ୍ଷମାନଙ୍କୁ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏନ୍. ପି. ଭି.                                                  ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।